# Akashvani, Sambalpur

# SAMBALPURI NEWS MORNING BULLETIN

## 25 March 2026 - 6.47- 6.52 am.

---

ରତ୍ନଭଣ୍ଡାର ଗନ୍‌ତିମନ୍‌ତି        ପୁରୀ ସମ୍ବାଦଦାତା

ଚଇତ୍ ମାସର୍ ଉଜଲ୍ ପଖର୍ ସପ୍ତମୀ ତିଥି ଅବ୍‌ସରେ ଆଏଜ୍ ଦିନର୍ ୧୨ ବାଜିକରି ୯ ମିନିଟ୍‌ନୁ ୧ ବାଜିକରି ୪୫ ମିନିଟ୍ ଭିତ୍‌ରେ ପୁରୀ ଶ୍ରୀମନ୍ଦିର୍‌ର ରତ୍ନଭଣ୍ଡାର୍ ଅଲଙ୍କାର୍ ଗନ୍‌ତି ମନ୍‌ତି ମୁଲ୍ କରାଯିବା । ଶ୍ରୀମନ୍ଦିର୍ ପ୍ରଶାସନ୍‌ର ସୂଚ୍‌ନା ଅନ୍‌ସାରେ, ରାଜ୍ୟ ସର୍‌କାର୍‌ଙ୍କର୍ ଅନୁମୋଦିତ ମାର୍ଗଦର୍ଶିକା ଅନ୍‌ସାରେ ଗନ୍‌ତିମନ୍‌ତି କାମ୍ ଶୃଙ୍ଖଳିତ୍ ଭାବେ କରାଯିବା । ତିହାର୍‌ବାହାର୍, ଶନିବାର୍ ଆଉ ରଏବାର୍ ଦିନ ଗନ୍‌ତିମନ୍‌ତି ନାଇଁ କରାଯାଏ । ଇ ସମିଆଥି ମାହାପୁରୁମାନ୍‌କର୍ ନୀତିକାନ୍ତି ଆଉ ଦର୍ଶନ୍ ଲାଗି ଖାସ୍ ବ୍ୟବସ୍ଥା କରାଯାଉଛେ । ଗନ୍‌ତିମନ୍‌ତି ପ୍ରକ୍ରିୟାର୍ ଭିଡ଼ିଓଗ୍ରାଫି ଭିଲ୍ କରାଯିବା ।

ମୁଖ୍ୟମନ୍ତ୍ରୀ- ରାମନଅମୀ       ଆଇ ଆଣ୍ଡ ପି.ଆର୍

ରାମ୍‌ନଅମୀ ଉସ୍ଵବ୍‌କେ ଶାନ୍ତିଶୃଙ୍ଖଲାର୍ ସହେତେ ପରିଚାଲନା କର୍‌ବାର୍ ଲାଗି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପୁଲିସ୍ ପ୍ରଶାସନ୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ଇ ବାବଦ୍ ଗୁଟେ ସମୀକ୍ଷା ବୈଠକ୍‌ଥି ଅଧକ୍ଷତା କରିକରି ମୁଖ୍ୟମନ୍ତ୍ରୀ ଇ ନିର୍ଦ୍ଦେଶ୍ ଦେଇଛନ୍ ।

ସୁଭଦ୍ରା        ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁଭଦ୍ରା ଯୋଜ୍‌ନାର୍ ୪ ନମ୍ବର୍ କିସ୍ତି ନାଇଁ ପାଇଥିବା ହିତାଧିକାରୀମାନ୍‌କର୍ ତାଲିକା ତିଆର୍ କର୍‌ବାର୍‌କେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଭାଗ୍‌ର ସଚିବମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇ ରିପୋର୍ଟକେ ଆଧାର୍ କରିକରି ଆଏବା ଦିନେ ପଦକ୍ଷେପ୍ ନିଆଯିବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ନର୍ସିଂ ନିଯୁକ୍ତି ଆଇ ଆଣ୍ଡ୍ ପି.ଆର୍

ରାଏଜେ ସ୍ୱାସ୍ଥ୍ୟସେବା ଭିତିଭୂମିକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍‌ର ୫ ହଜାର୍ ୯ ଶହ ୭୯ ଟା ନର୍ସିଂ ଅଧିକାରୀ ଆଉ ୨ ଶହ ୪୦ ଟା ଭିଡ଼ିଓଗ୍ରାଫର୍ ପଦ୍‌ବୀକେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଗଲାକାଏଲ୍ ଅନୁମୋଦନ୍ କରିଛନ୍ । ଇ ନିଯୁକ୍ତି ଜରିଏ ରାଜ୍ୟର୍ ଭିନ୍ ଭିନ୍ ଡାକ୍ତର୍‌ଖାନା ଆଉ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ୍ ନ ମାନବ ସମ୍ବଳର ଅଭାବ୍ ଦୂର୍ ହେବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

ଗ୍ରୀଷ୍ମପ୍ରବାହ ସମୀକ୍ଷା ବୈଠକ ଆଇ ଆଣ୍ଡ୍ ପି.ଆର୍

ଗ୍ରୀଷ୍ମପ୍ରବାହର୍ ମୁକାବିଲା ଲାଗି ଭୁବ୍‌ନେଶ୍ୱର୍ ନ ଗଲାକାଏଲ୍ ଗୃହ ନିର୍ମାଣ ଆଉ ନଗର ଉନ୍ନୟନ୍ ବିଭାଗ୍‌ର ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ବିଭାଗ୍‌ର ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ର ଅଧକ୍ଷତା କରିକରି ବିଭାଗ୍ ତର୍‌ଫୁ ଜାରି ହେଇଥିବା ମାର୍ଗଦର୍ଶିକା ମାନ୍‌ବାର୍‌କେ ସମ୍‌କୁ ପରାମର୍ଶ ଦେଇଛନ୍ । ସହରୀ

ଇଲାକା ନ ଅହରହ ପାଏନ୍ ଯୁଗାବାର୍ ସହେତେ ରାସ୍ତାଘାଟେ ଜଲ୍ଛତର୍, ଛାଏଁର୍ ବ୍ୟବସ୍ଥା ସହେତେ ସବୁ ପୌରସଂସ୍ଥା ନ ୨୪ ଘଂଟିଆ ନିୟନ୍ତ୍ରଣ କକ୍ଷ ଖୁଲ୍‌ବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ ।

ମୁଖ୍ୟ ଶାସନ୍ ସଚିବ-ସମୀକ୍ଷା        ଆର୍‌ଏନ୍‌ୟୁ/ ସମ୍ବଲପୁର

ମଧ୍ୟପ୍ରାଚ୍ୟ ନ ଲାଗିଥିବା ବିବାଦ୍ ଆଉ ତାର୍ ପ୍ରଭାବ୍ ଓଡ଼ିଶାର୍ ଅର୍ଥନୀତି ଉପ୍‌ରେ କେନ୍ ହିସାବେ ପଡୁଛେ, ସେ ବାବ୍‌ଦେ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରିକରି, ଥିତି ନାଇଁ ସୁଧ୍‌ରିଲେ ଇତାର୍ ପ୍ରଭାବ୍ ଓଡ଼ିଶାର୍ ସାମଗ୍ରିକ ଅର୍ଥନୈତିକ ଆଉ କ୍ଷେତ୍ରଭିତିକ ଭାବେ ପଡ଼୍‌ବା ବଲି କହିଛନ୍ । ଓଡ଼ିଶାର୍ ରପ୍ତାନୀର୍ ଗୁଟେ ବଡ଼ ଭାଗ୍ ପଶ୍ଚିମ ଏସିଆର୍ ବଜାର୍ ସାଙ୍ଗେ ଜଡ଼ିତ୍ ଆଏ । ଇଥିର୍‌ଲାଗି ଥିତି ନାଇଁ ସୁଧ୍‌ରିଲେ ତେଲ୍, ଗେସ୍ ଯୋଗାଣ, ରାଜ୍ୟର୍ ମତ୍ସ୍ୟସମ୍ପଦ୍ ରପ୍ତାନୀ, କୃଷି ଉତ୍ପାଦନ ଆମ୍‌ଦାନୀ ପ୍ରଭାବିତ୍ ହେବା ବଲି ବୈଠକ୍ ନ ସୂଚ୍‌ନା ଦିଆଯାଇଛେ ।

ଅଦାଲତ୍‌ମାନ୍ ସଖାଲ୍           ଆର୍‌ଏନ୍‌ୟୁ/ ସମ୍ବଲପୁର

ବଢ଼୍‌ତି ଖରାକେ ନଜର୍‌ଥି ରଖିକରି ଆଏବା ୬ ତାରିଖିନୁ ରାଜ୍ୟର୍ ଭିନ୍ ଭିନ୍ ଅଦାଲତ୍ ସଖାଲୁ କାମ୍ କର୍‌ବା । ସଖାଲର୍ ୭ ବଜେନୁ ମଏଧାନର୍ ୧ ବଜେତକ୍ ଅଦାଲତ୍ କାମ୍ ଚାଲ୍‌ବା । ମଝି ଦିନର୍ ୧୦ ନୁ ସାଢ଼େ ୧୦ ବଜେତକ୍ ବିରତି ରହେବା ବଲି ଓଡ଼ିଶା ଉଚ୍ଚନ୍ୟାୟାଲୟ ତର୍‌ଫୁ ବିଜ୍ଞପ୍ତିଥି କୁହାଯାଇଛେ ।

ଯୁକ୍ତ ଦୁଇ ପରୀକ୍ଷା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍- ସିଏଚ୍‌ଏସ୍‌ଇ ପରିଚାଲିତ୍ ଯୁକ୍ତ ଦୁଇ ପରୀକ୍ଷା ଆଏଜ୍ ଶେଷ୍ ହେଉଛେ । ପରୀକ୍ଷା ସର୍‌ବାର୍ ଉତ୍‌ରୁ ଏପ୍ରିଲ୍ ୨ ତାରିଖିନୁ ରାଜ୍ୟର୍ ଶହେ ୫୧ ଟା କେନ୍ଦ୍ର ନ ୨ ଟା ଖେପ୍‌ଥି ଖାତାଦେଖା ହେବା । ପହେଲା ଖେପ୍ ଏପ୍ରିଲ୍ ୨ ନୁ ୧୩ ତାରିଖ୍ ଆଉ ୨ ନମ୍ବର୍ ଖେପ୍ ଏପ୍ରିଲ୍ ୧୫ ନୁ ୨୮ ତାରିଖ୍ ଭିତ୍‌ରେ କରାଯିବା । ଇଥିର୍‌ଲାଗି ୧୬ ହଜାର୍ ଅଧ୍ୟାପକ୍ ନିୟୋଜିତ୍ ଅଛନ୍ ।

ମେ ମାସେ ପରୀକ୍ଷାଫଲ୍ ବାହାର୍‌ବା ବଲି ସିଏଚ୍‌ଏସ୍‌ଇ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଶୁକ୍ରୁ ଆତ୍ମସମର୍ପଣ୍        କନ୍ଧମାଲ୍ ସମ୍ବାଦଦାତା

ମାଓବାଦୀ ନେତା ରାଜ୍ୟ ସଂଗଠନ୍‌ର କମିଟି ସଦସ୍ୟ ଶୁକ୍ରୁ ଗଲାକାଏଲ୍ କନ୍ଧମାଲ୍ ପୁଲିସ୍ ପାଖେ ଆତ୍ମସମର୍ପଣ କରିଥିବା ନକ୍ସଲ୍ ନିରୋଧୀ ଅଭିଯାନ୍ ଏ.ଡି.ଜି. ସଞ୍ଜିବ୍ ପଣ୍ଡା ସୂଚ୍‌ନା ଦେଇଛନ୍ । ଶୁକ୍ରୁ ସହେତେ ୫ ଝନ୍ ମାଓବାଦୀ ଆତ୍ମସମର୍ପଣ୍ କରିଥିବା ଶ୍ରୀ ପଣ୍ଡା କହିଛନ୍ । ଶୁକ୍ରୁର୍ ନାଁଥି ୫୫ ଲାଖ୍ ଟଙ୍କାର୍ ପୁରସ୍କାର୍ ରାଶି ଥିଲା । ଇ ଟଙ୍କା ଶୁକ୍ରୁକେ ଦିଆଯିବା ବଲି ଏଡିଜି କହିଛନ୍ । ଶୁକ୍ରୁକେ ଧର୍‌ବାର୍ ଲାଗି ଓଡ଼ିଶା ପୁଲିସ୍ ତର୍‌ଫୁ ବ୍ୟାପକ୍ ଅପରେସନ୍ କରାଯାଇଥିଲା । ବାକି ରହିଥିବା ମାଓନେତାମାନ୍‌କୁ ଧର୍‌ବାର୍ ଲାଗି କନ୍ଧମାଲ୍, ଗଞ୍ଜାମ୍, ଗଜପତି ଜିଲ୍ଲାର୍ ସିମ୍‌ନା ଇଲାକା ନ ଜୋର୍‌ଦାର୍ କମ୍ବିଂ ଅପରେସନ୍ ଚାଲିଛେ ବଲି ଶ୍ରୀ ପଣ୍ଡା କହିଛନ୍ ।

ପ୍ରବେଶ୍ ଉତ୍ସବ- ନିଉତା ଆର୍ଏନ୍ୟୁ/ ସମ୍ବଲପୁର

୨୦୨୬-୨୭ ଶିକ୍ଷା ବଛର୍ ଲାଗି ଏପ୍ରିଲ୍ ୨ ତାରିଖ୍ନୁ ସାରାରାଏଜେ ପ୍ରାଥମିକ ବିଦ୍ୟାଳୟ ଆଉ ଶିଶୁବାଟିକାମାନ୍କେ ନାଁଲେଖା ସହେତେ ପ୍ରବେଶ୍ ଉତ୍ସବ୍ ଆଉ ଖଡ଼ିଛୁଆଁ କାର୍ଯ୍ୟକ୍ରମ୍ ହେବା । ଇଥିର୍ଲାଗି ମୁଖ୍ୟମନ୍ତ୍ରୀଙ୍କର୍ ତର୍ଫୁ ଛୁଆମାନ୍କର୍ ମାତାପିତାଙ୍କୁ ନିଉତା ବଂଟାଯାଉଛେ । ସମ୍ବଲ୍ପୁର୍ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆଉ ଧନ୍କଉଡ଼ା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତର୍ଫୁ ବ୍ଲକ୍ର ଭିନ୍ ଭିନ୍ ଜାଗାକେ ଯାଇକରି ଅଧିକାରୀମାନେ ନିଉତା ବାଂଟିଛନ୍ ।

ଶିକ୍ଷଣ ସାମଗ୍ରୀ-ପ୍ରଦର୍ଶନୀ ମେଳା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଆଉ ପ୍ରଦର୍ଶନୀ ମେଳା ସିନାପାଲି କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସର୍ ନ ହେଇଯାଇଛେ । ଶିକ୍ଷାଦାନ୍କେ ଅଏତ୍କା ବର୍କସ୍ କର୍ବାର୍ ଲାଗି ଶିକ୍ଷଣ ସାମଗ୍ରୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାର୍ନୁ

ଶିକ୍ଷକ୍‌ମାନେ ଇତାର୍ ବହୁତ୍ ବେଭାର୍ କର୍‌ବାର୍ ଜରୁରୀ ଆଏ ବଲି ଇ ଅବ୍‌ସରେ ମତପ୍ରକାଶ ପାଇଥିଲା ।

ଓଡ଼ିଶା ଦିବସ -ପ୍ରସ୍ତୁତି ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଆଉ ଓଡ଼ିଆ ପକ୍ଷ ପାଲନ୍ ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଏପ୍ରିଲ୍ ୧ ନୁ ୧୪ ତାରିଖ୍ ଭିତ୍‌ରେ ଓଡ଼ିଆ ପକ୍ଷ ଅବ୍‌ସରେ ଖଡ଼ିଛୁଆଁ ଉତ୍ସବ୍, ପାରମ୍ପରିକ୍ ପୋଷାକ୍ ପିନ୍ଧନ୍ ଉଡ଼ନ୍ ଦିବସ୍, ଐତିହ୍ୟ ଗଣଦୌଡ଼ ଦିବସ୍ ବାଗିର୍ ଭିନ୍ ଭିନ୍ ଦିବସ୍ ପାଲନ୍ କରାଯିବା ବଲି ବୈଠକ୍‌ଥି ଧାରିଜ୍ କରାଯାଇଛେ ।

ଜାତୀୟ ଇନ୍‌ଡୋର୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ସିପ/ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ପହେଲା ଜାତୀୟ ଇନ୍‌ଡୋର୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ସିପ୍ -୨୦୨୬ ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । କ୍ରୀଡ଼ା ଆଉ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଚାମ୍ପିଅନ୍‌ସିପ୍‌କେ ଉଦ୍‌ଘାଟନ୍ କରିଛନ୍ । ଇ ପ୍ରତିଯୋଗିତା ୨୦୨୮ ବିଶ୍ୱ ଇନ୍‌ଡୋର୍ ଆଥ୍‌ଲେଟିକ୍ ଚାମ୍ପିଅନ୍‌ସିପ୍ ଲାଗି ବହୁତ୍ ସାହାଜ୍ କର୍‌ବା ବଲି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ।